# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



## ବୁଣାଳି ଏବଂ ବିଜ

ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

Alastair Paterson

ପ୍ରଯୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଏକ ସମୟରେ ଯୀଶୁ ହ୍ରଦ ନକଟରେ
ଶିକ୍ଷା ଦେବାକୁ ଲାଗିଲେ । ସେଠାରେ
ଅନେକ ଲୋକ ତାଙ୍କ ବାକ୍ୟ
ଶୁଣିବାକୁ ଆସିଲେ । ସେଠାରେ
ଅତ୍ୟଧିକ ଜନଗହଳି ହେଲା ।

ଯୀଶୁ ବା କଅଣ
କରିବେ?



ପାଖରେ ଏକ ନୌକା ଦେଖି, ସେ ନୌକାରେ
ଚଢ଼ିଲେ । ବର୍ତ୍ତମାନ୍ ସେ ଲୋକମାନଙ୍କୁ
ଦେଖିପାରିଲେ ଓ ଲୋକମାନେ ମଧ୍ୟ
ତାଙ୍କୁ ଦେଖି ଓ
ଶୁଣିପାରୁଥିଲେ ।



ଯୀଶୁ ସେମାନୋଙ୍କୁ ଏକ ଦୃଷ୍ଟାନ୍ତ ମାଧ୍ୟମରେ
ସାଧାରଣ ବିଷୟ ଯାହା ସଦାପ୍ରଭୁଙ୍କ ବିଷୟ
ବର୍ଣ୍ଣନା କରଇ ତାହା ଶିକ୍ଷା ଦେଲେ ।



ଏକ ବୁଣାଳି ବିଜ ବୁଣିବାକୁ ଜମିକୁ ଗଲା । ଯୀଶୁଙ୍କ
କାହାଣି ଚ଼ିତ୍ର କାଟିବା ବଦଳରେ କହି ବର୍ଣ୍ଣନା କରିବା
ଚ଼ିତ୍ର ଶଦୃଶ୍ୟ ଥିଲା ।



ଲୋକମାନେ ବୁଝିପାରିବେ ଯେ ଏକ ବୁଣାଳି
କାର୍ଯ୍ୟରତ ଅଛି-ସେମାନେ ଏହାକୁ ନିଜର
ଦୈନନ୍ଦିନ ଜୀବନରେ ଅନେକଥର
ଦେଖିଛନ୍ତି ।



କିଛି ବିଜ ରାସ୍ତାରେ ପଡ଼ିଗଲା ଓ
ଆକାଶର ପକ୍ଷିମାନେ ଆସି
ତାହା ଖାଇଗଲେ ।



କିଛି ବିଜ ଜମିର ପଥୁରିଆ ସ୍ଥାନରେ ପଡ଼ିଗଲା ।

ସେମାନେ ଶିଘ୍ର ଗଜାହୋଇ ବଢ଼ିବାକୁ ଲାଗିଲେ ।

ଯେତେବେଳେ ଅତ୍ୟଧିକ ଖରା ହୋବାରୁ



ସେମାନେ ସୁଖିଗଲେ କାରଣ

ସେମାନଙ୍କର ଚେ଼ର ଉତ୍ତପ୍ତ

ଜମିରେ ଥିଲା ।

କିଛି ବିଜ କଣ୍ଟକ ବୁଦା ମଧ୍ୟରେ
ପଡ଼ିଗଲେ, ସେମାନେ ଫଳ ଫଳି ପାରିଲେ
ନାହିଁ କାରଣ କଣ୍ଟକ ବୃକ୍ଷ ଶିଘ୍ର
ବଢ଼ି ତାକୁ ଚ଼ାପି ପକାଇଲା ।



କିଛି ବିଜ ଉତ୍ତମ ଜମିରେ ପଡ଼ିଲା । ସମୟ
ବିତିଗଲା ପରେ, ସେହି ବୃକ୍ଷ ଶକ୍ତ ହୋଇ
ଅନେକ ଫଳ ଫଳିଲା ।
ନିଶ୍ଚିତ  ଭାବରେ ବୁଣାଳି
ଆନନ୍ଦ କରିଥିବେ ।



କାହାଣିର ଶେଷରେ, ଶିଶ୍ୟମାନେ ଯୀଶୁଙ୍କ ନିକଟକୁ ଆସିଲେ । ଆପଣ କାହିଁକି ଗଳ୍ପ ମାଧ୍ୟମରେ ଶିକ୍ଷା ଦେଉଅଛନ୍ତି,



ଯୀଶୁ ସେମାନଙ୍କୁ କହିଲେ, କାହାଣି ଲୋକମାନଙ୍କୁ ସଦାପ୍ରଭୁଙ୍କୁ ଜାଣିବାକୁ ସାହାଯ୍ୟ କରେ ଯଦି ସେମାନେ ସତ୍ୟତାରେ ତାହାଙ୍କୁ ପ୍ରେମ କରିନ୍ତି ।



ଯେଉଁଲୋକମାନେ ସଦାପ୍ରଭୁଙ୍କୁ ପ୍ରେମ କରନ୍ତି ନାହିଁ ସେମାନେ ଗଳ୍ପର ସାରାଶଂ ବୁଝି ପାରିବେନାହିଁ ।




ଯୀଶୁ ସେହି ଗଳ୍ପର ସାରାଶଂ ବୁଝାଇ କହିଲେ,
ବିଜ ସଦାପ୍ରଭୁଙ୍କ ବାକ୍ୟ ଅଟେ । ବାକ୍ୟ ରାସ୍ତାରେ,
ତାହାର ସାରାଶଂ
ହେଉଛି ଲୋକ
ଯେଉଁମାନେ
ବାକ୍ୟ ଶୁଣନ୍ତି
କିନ୍ତୁ ତାହା
ବୁଝନ୍ତି ନାହିଁ ।

ଶୟତାନ ସେମାନଙ୍କ ସଦାପ୍ରଭୁଙ୍କ

ବାକ୍ୟକୁ ଭୁଲାଇଦିଏ ।




କେତେକ ଲୋକ କମ୍ ସମୟ ମଧ୍ୟରେ ସଦାପ୍ରଭୁଙ୍କ
ବାକ୍ୟଗ୍ରହଣ କରନ୍ତି । ସେମାନେ ପଥୁରିଆ ଜମି ସଂଙ୍ଗେ ସମାନ । କିନ୍ତୁ
ଯେତେବେଳେ ଅନ୍ୟମାନେ ପ୍ରଭୁଙ୍କ ପ୍ରେମ ସକାଶୁଁ ସେମାନଙ୍କୁ
ପରିହାସ କରିନ୍ତି କିମ୍ବା ସେମାନଙ୍କୁ
ଅସୁବିଧାରେ ପକାନ୍ତି ତେବେ
ଦୁଃଖର ବିଷୟ ଶୁଷ୍କିହୁଏ ।

ଏହି ସେହି ଲୋକ ଯେଉଁମାନେ ଆନନ୍ଦରେ ଯୀଶୁଙ୍କ ଅନୁଶରଣ କରିବାକୁ ଆରମ୍ଭ କରିଥିଲେ ସଦାପ୍ରଭୁଙ୍କ ବାକ୍ୟ ଲଂଘନ କରି ପଛକୁ ଫେରିଗଲେ । ସେମାନେ ସଦାପ୍ରଭୁଙ୍କୁ ଅନୁଶରଣର ମୂଲ୍ୟ ଦେବାକୁ ନାସ୍ତି କଲେ । ଏହା କି ଦୁଃଖର ବିଷୟ ସେମାନେ ସଦାପ୍ରଭୁଙ୍କ ବଦଳରେ ନିଜର ବନ୍ଧୁମାନଙ୍କୁ ସନ୍ତୁଷ୍ଟ ରିବାକୁ ଇଚ୍ଛାକଲେ ।



ସେହିପରି ଗଳ୍ପରେ

କଣ୍ଟାବୁଦା ଗୁଡ଼ିକ

ହେଲେ, ସେମାନେ, ଯେଉଁ

ଲୋକମାନେ ସେମାନଙ୍କ

ଜୀବନ ଜାଗତିକ ଚ଼ିନ୍ତା

ଓ ଧନ ଲୋଭରେ ନିଜ

ଜୀବନ ବିତାଉଅଛନ୍ତି ।



ସେମାନେ ଧନ ଓ
ଅନ୍ୟ ବିଷୟ ଗୁଡ଼ିକ
ସଂଞ୍ଚୟ କରିବା ଲାଳସାରେ
ଅତ୍ୟଧିକ ବ୍ୟସ୍ଥ ରୁହନ୍ତି
ଏବଂ ସେମାନେ ସଦାପ୍ରଭୁଙ୍କୁ
ମଧ୍ୟ ନିଜ ଜୀବନରୁ
ବାହାର କରିଦିଅନ୍ତି ।



ମାତ୍ର ଯେଉଁ ବିଜ ଉତ୍ତମ ଜମିରେ ପଡ଼ିଲା ଓ ଉତ୍ତମ ଫଳ ଫଳିଲା ତାହା ଏହିପ୍ରକାର ଯାହା ମନୁଷ୍ୟର ହୃଦୟରେ ପ୍ରବେଶ କରି ଲୋକଙ୍କ ଜୀବନ ବଦଳାଇ ଦିଏ । ସେହି ଲୋକମାନେ ସଦାପ୍ରଭୁଙ୍କୁ ସଂଭ୍ରମ ଓ ସେବା କରନ୍ତି ।



ଲୋକଗହଳି ପରିତ୍ୟାଗ କରିବାକୁ ଚାହିଁଲେ ନାହିଁ ।
ଅନେକେ ସଦାପ୍ରଭୁଙ୍କୁ ଅନୁସରଣ କରି ତାହାଙ୍କୁ ସଂତୃଷ୍ଟ କରିବାକୁ
ଇଚ୍ଛା କରୁଥିଲେ । ଯୀଶୁଙ୍କ ଗଳ୍ପ ସେମାନଙ୍କୁ ସଦାପ୍ରଭୁଙ୍କୁ ଆଜ୍ଞାବହତା
ବିଷୟରେ ବୁଝିବାକୁ ସାହାଯ୍ୟ କଲା ।



ବୁଣାଳି ଏବଂ ବିଜ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୧୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬